To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

ସକାଳ
S A K A L A

ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

ସୁପ୍ରିମ୍‌କୋର୍ଟରେ କେନ୍ଦ୍ରର ମତ । ଦେଶ ପାଇଁ ବିପଦ ରୋହିଙ୍ଗ୍ୟା ମୁସ୍‌ଲିମ୍ ଅଧିବାସୀ ।

R.N.I. No.-42041/83 Vol-15, Issue No.82, ଭଦ୍ରକ, ଶୁକ୍ରବାର, ୧୫, ସେପ୍ଟେମ୍ବର ୨୦୧୭ ■ Bhadrak, Friday, 15 September 2017 Rs. 2.00 Pages-8

ଡଙ୍ଗାବୁଡ଼ି ୨୨ ମୃତ

- ମାତ୍ରାଧିକ ଲୋକଙ୍କ ଯାତ୍ରାରୁ ଅଘଟଣ
- ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କାର ସହାୟତା ଘୋଷଣା
- ଉତ୍ତ୍ୟକ୍ତ ଲୋକଙ୍କ ଲଙ୍କାକାଣ୍ଡ

ବାଗପତ, ୧୪।୯: ଯମୁନା ନଦୀରେ ଡଙ୍ଗା ଓଲଟି ୨୨ଜଣଙ୍କ ଜୀବନ ଯାଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିବା ସହ କ୍ଷତିପୂରଣ ଦାବି କରି ଉଦ୍ୟକ୍ତଲୋକେ ଜଳାପୋଡା କରିଥିବା ସୂଚନା ମିଳିଛି। ସକାଳ ୭ଟା ୪୫ ମିନିଟ୍‌ରେ ଯମୁନା ନଦୀରେ ଡଙ୍ଗା ଓଲଟି ପଡିଥିବା ଖବର ଜଣାପଡିଥିଲା। ଡଙ୍ଗାରେ ମାତ୍ରାଧିକ ଲୋକ ଯାତ୍ରା କରୁଥିବାରୁ ଏଭଳି ଅଭାବନୀୟ ଘଟଣା ଘଟିଛି। ଏନଡିଆରଏଫ ଟିମ୍ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାରକାର୍ଯ୍ୟ କରିଥିଲା। ୬୦ଜଣ ଲୋକଙ୍କୁ ନେଇ ଡଙ୍ଗାଟି ହରିୟାଣା ଯାଉଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲା। କ୍ଷମତାଠାରୁ ଅଧିକ ଯାତ୍ରୀ ଡଙ୍ଗାରେ ଥିବା କାରଣରୁ ଏହା ବୁଡି ଯାଇଥିବା କୁହାଯାଉଛି। ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମୃତକଙ୍କ ପରିବାରକୁ ୨ ଲକ୍ଷ ଲେଖାଏଁ ଟଙ୍କା ସହାୟତା ଦେବାକୁ ଘୋଷଣା କରିଛନ୍ତି। **(ପୃଷ୍ଠା-୭)**

ସ୍କୁଲ କ୍ୟାମ୍ପସ ପ୍ରବେଶରେ କଟକଣା

- ଜାରି ହେଲା ଗାଇଡ୍ ଲାଇନ୍
- ପରିଚୟ ବାଧ୍ୟତାମୂଳକ
- ସ୍କୁଲ ପରିସରରେ ଲାଗିବ ସିସିଟିଭି କ୍ୟାମେରା
- ସ୍କୁଲ ବସ୍‌ରେ ସିସିଟିଭି ଜିପିଏସ ସିଷ୍ଟମ
- କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କ ଅଲଗା ହେବ ବାଥ୍‌ରୁମ୍

ଭୁବନେଶ୍ୱର,୧୪।୯ (ସକାଳ ଖବର): ଛାତ୍ରଛାତ୍ରୀଙ୍କ ସୁରକ୍ଷା ପାଇଁ ଗୁରୁବାର ଗଣଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ସ୍କୁଲ ନିମନ୍ତେ ଗାଇଡଲାଇନ୍ ଜାରି କରାଯାଇଛି । ବିଶେଷ କରି ସ୍କୁଲ ଭିତରକୁ ବାହାର ବ୍ୟକ୍ତି ବା ଉଠା ଦୋକାନୀଙ୍କ ପ୍ରବେଶ ନେଇ ଏହି ଗାଇଡଲାଇନ୍ ଜାରି ହୋଇଛି । କେହି ଯଦି କେହି ଜଣେ ବ୍ୟକ୍ତି ସ୍କୁଲ କ୍ୟାମ୍ପସକୁ ପ୍ରବେଶ କରଛନ୍ତି ତେବେ ତାଙ୍କ ପାଇଁ ଏଣିକି ପରିଚୟ ବାଧ୍ୟତାମୂଳକ ରହିବ । ବିନା ପରିଚୟରେ ସେ ସ୍କୁଲ ଭିତରକୁ ପ୍ରବେଶ କରିପାରିବେ ନାହିଁ । ଏହି ଗାଇଡଲାଇନ୍ ସୂଚନା ଦେଇଛନ୍ତି ଗଣଶିକ୍ଷା ସଚିବ ରଞ୍ଜନା ଚୋପ୍ରା । ସୂଚନା ଅନୁଯାୟୀ, ଏଣିକି ଯେ କୈଣସି ଉଠା ଦୋକାନୀ ବିନା ପରିଚୟରେ ପୂର୍ବଭଳି ସ୍କୁଲ ଭିତରେ ଖାଦ୍ୟ ବା ଅନ୍ୟାନ୍ୟ ସାମଗ୍ରୀ କିଛି ବିକିପାରିବେ ନାହିଁ । ସ୍କୁଲ କ୍ୟାମ୍ପସକୁ ପ୍ରବେଶ କରିବାକୁ ହେଲେ ଦୋକାନୀ ଜଣକଙ୍କ ପରିଚୟ ବାଧ୍ୟତାମୂଳକ ରହିବଛ କେତେ ସମୟ ସ୍କୁଲ କ୍ୟାମ୍ପସରେ ରହିବେ ସେଥିନେଇ ମଧ୍ୟ ସେ ପୂର୍ବରୁ ସେ ସ୍କୁଲ ପରିଚାଳକଙ୍କ ନିକଟରେ ସ୍ପଷ୍ଟ କରିବେଛ ଯଦି କେହି କ୍ୟାମ୍ପସ ଭିତରକୁ ପ୍ରବେଶ କରନ୍ତି ତେବେ ତାଙ୍କ ସାଥୀରେ ସ୍କୁଲର କର୍ମଚାରୀ ରହିବେ । ଏହାବ୍ୟତୀତ ସ୍କୁଲ ବସ୍ ଥିଲେ ଡ୍ରାଇଭର, କଣ୍ଡକ୍ଟର ଓ କ୍ଲିନରଙ୍କ ଉପସ୍ଥାନ ନିୟମିତ ନିଆଯିବ । ସେମାନଙ୍କୁ ପୋଲିସ ଭେରିଫିକେଶନ ମଧ୍ୟ କରିବ । ଅନ୍ୟଥା ଛୋଟ ପିଲାମାନେ ଏକା କ୍ଲାସ ରୁମ୍‌କୁ ଯାଇପାରିବେ ନାହିଁ । ଯଦି ଯାଆନ୍ତି ତାହାହେଲେ ତାଙ୍କ ସହିତ ଜଣେ ସହ କର୍ମଚାରୀ ଯିବେ । ବାଥ୍ ରୁମ ଗୁଡ଼ିକ ସ୍କୁଲ କର୍ମଚାରୀ ଓ ପିଲାମାନଙ୍କ ପାଇଁ ଅଲଗା ରହିବ । ପ୍ରକାଶ, ସ୍କୁଲରେ ପିଲାଙ୍କ ସୁରକ୍ଷାକୁ ନେଇ ସିବିଏସ୍‌ଇ ପକ୍ଷରୁ ମଧ୍ୟ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି । ଯେପରି ଅଭିଭାବକ ଓ ଡ୍ରାଇଭର ମଧ୍ୟ ବିନା ପରିଚୟପତ୍ରରେ ପ୍ରବେଶ କରିପାରିବେ ନାହିଁ । ସ୍କୁଲ ପରିସରରେ ସିସିଟିଭି କ୍ୟାମେରା ଲଗାଇବା ସହ ସ୍କୁଲ ବସରେ ସିସିଟିଭି ଜିପିଏସ ସିଷ୍ଟମ କରିବାକୁ ସିବିଏସଇ ସ୍କୁଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

ମହିମାଙ୍କୁ ଝଟ୍‌କା

କଟକ, ୧୪।୯ (ସକାଳ ଖବର): ଶିଳ୍ପପତି ମହିମାନନ୍ଦ ମିଶ୍ରଙ୍କୁ ଆଜି ହାଇକୋର୍ଟରୁ ବଡ ଝଟକା ଲାଗିଛି। ମହିମାଙ୍କ ହେବିୟସ କର୍ପସ୍ ଆବେଦନକୁ ହାଇକୋର୍ଟ ଗୁରୁବାର ଖାରଜ କରିଛନ୍ତି। କଟକ ପ୍ରେସ୍ଛକ ବୋମାମାଡ ଓ ତାରିଣୀ ଗଡର ଗୁଳିମାଡ ଘଟଣାରେ ମହିମା ମିଶ୍ର ଜେଲରେ ଅଛନ୍ତି। ଉଭୟ ମାମଲାରେ ମହିମାଙ୍କ ଓକିଲ ପିଟିସନ ଦାଖଲ କରିଥିଲେ । ଏହି ପିଟିସନକୁ ଖାରଜ କରିଛନ୍ତି ହାଇକୋର୍ଟ। କଟକ ବୋମାମାଡ ଓ ତାରିଣୀଗଡ ଗୁଳିମାଡ ଘଟଣାରେ ତାଙ୍କୁ ବେଆଇନ ଭାବେ ଅଟକ ରଖାଯାଇଛି। ତାରିଣୀଗଡ ଗୁଳି କାଣ୍ଡ ଘଟଣାରେ କୁଜଙ୍ଗ ଜେଏମ୍‌ଏଫ୍‌ସି କୋର୍ଟଙ୍କ ମେ ୧୬ ତାରିଖ ପରଠାରୁ କୌଣସି ନିର୍ଦ୍ଦେଶନାମା ନାହିଁ ଏହାକୁ ନେଇ ମହିମା ଗତ ଜୁନ ୧୪ ତାରିଖରେ ହାଇକୋର୍ଟରେ ପିଟିସନ ରୁଜୁ କରିଥିଲେ। ଅଗଷ୍ଟ ୮ ତାରିଖରେ ଏହି ମାମଲାର ଶୁଣାଣୀ କରି ହାଇକୋର୍ଟ ରାୟ ସଂରକ୍ଷିତ ରଖିଥିଲେ। ଅଗଷ୍ଟ ୮ ତାରିଖରେ ଏହି ମାମଲାର ଶୁଣାଣୀ କରି ହାଇକୋର୍ଟ ରାୟ ସଂରକ୍ଷିତ ରଖିଥିଲେ।

ବୁଲେଟ୍ ଟ୍ରେନର ଶିଳାନ୍ୟାସ

मुंबई-अहमदाबाद हाई स्पीड रेल परियोजना का भूमि पूजन
UND BREAKING CEREMONY OF MUMBAI AHMEDABAD HIGH-SP
श्री नरेंद्र मोदी
प्रधान मंत्री
Shri Narendra
Mini
श्री शिन्जो
प्रधान
Shri Sh
ime

- ୨୦୨୩ରେ ଶେଷ ହେବ କାମ
- ୩୨୦ କିମି ବେଗରେ ଧାଇଁବ ଟ୍ରେନ୍
- ୩ ଘଣ୍ଟାରେ ମୁମ୍ବାଇରୁ ଅହମ୍ମଦାବାଦ

ଅହମ୍ମଦାବାଦ: ବହୁପ୍ରତିକ୍ଷିତ ବୁଲେଟ୍ ଟ୍ରେନ୍ ପ୍ରକଳ୍ପର ଶିଳାନ୍ୟାସ ହୋଇଯାଇଛି। ଅହମ୍ମଦାବାଦର ସାବରମତୀ ଷ୍ଟେସନରରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଭାରତ ଓ ଜାପାନ ପ୍ରଧାନମନ୍ତ୍ରୀ ଯୋଗ ଦେଇ ଶିଳାନ୍ୟାସ କରିଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜାପାନ ସରକାରଙ୍କୁ ସହଯୋଗ ପାଇଁ ଧନ୍ୟବାଦ ଦେବା ସହ ଜାପାନ ଓ ସିଂଜୋଙ୍କ ଭଳି ବନ୍ଧୁ ପାଇ ଭାରତ ଗର୍ବିତ ବୋଲି କହିଛନ୍ତି। ସେ ଆହୁରିମଧ୍ୟ କହିଛନ୍ତି ଯେ, ଦେଶର ବିକାଶ ପରିବହନ ଗତି ଉପରେ ନିର୍ଭର କଲେ ।ଏହି ବୁଲେଟ୍ ଟ୍ରେନ୍ ଦେଶର ବିକାଶକୁ ତ୍ୱରାନ୍ୱିତ କରିବା କୌଣସି ଦ୍ରବ୍ୟ କିଣିବାକୁ ଋଣ କଲେ ଆମେ ପାଇ ପାଇର ହିସାବ **(ପୃଷ୍ଠା-୭)**

ଅବୁ ଇସମାଇଲ ନିହତ

ଅମରନାଥ ଯାତ୍ରୀଙ୍କ ଆକ୍ରମଣର ମାଷ୍ଟରମାଇଣ୍ଡ

ଶ୍ରୀନଗର,୧୪।୯: ସୁରକ୍ଷା ବଳଙ୍କୁ ଗୁରୁବାର ବଡ଼ ସଫଳତା ମିଳିଛି । ଜାମ୍ମୁ ଓ କାଶ୍ମୀରର ନୌଗାମର ଅରିଗାମ ଇଲାକାରେ ଭାରତୀୟ ସେନା ପାକିସ୍ତାନୀ ଆତଙ୍କୀ ଅବୁ ଇସମାଇଲକୁ ଏନକାଉଣ୍ଟର କରି ନିହତ କରିଛନ୍ତି । ଏହି ଏନକାଉଣ୍ଟରରେ ଇସମାଇଲର ଏକ ସହଯୋଗୀ ମଧ୍ୟ ନିହତ ହୋଇଛି । ଇସଲାଇମ ଅମରନାଥ ଯାତ୍ରୀ ଉପରେ ହୋଇଥିବା ଆତଙ୍କୀ ଆକ୍ରମଣର ମାଷ୍ଟରମାଇଣ୍ଡ ତଥା ଲସ୍କର ଏ ତୋଇବାର ଟପ କମାଣ୍ଡର ଥିଲା । ଅବୁ ଇସମାଇଲ ଅନନ୍ତନାଗ ଓ ଆଖପାଖ ଇଲକାରେ ଲସ୍କରର କମାଣ୍ଡର ଥିଲା । ଚଳିତ ବର୍ଷ ଅମରଯାତ୍ରା ଆକ୍ରମଣ ଘଟଣାର ମୁଖ୍ୟ ଷଡ଼ଯନ୍ତ୍ରକାରୀ ଥିଲା । ଏହି ଘଟଣାରେ ୭ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିଥିଲା । ୨୨ ବର୍ଷୀୟ ଇସମାଲ ପାକିସ୍ତାନର ମୀରପୁର ନିବାସୀ ଅଟେଛ ଗତ ୪ ବର୍ଷ ହେ ସେ ଅନନ୍ତନାଗ ଏବଂ ଆଖପାଖ ଇଲାକାରେ ସକ୍ରିୟ ଥିଲା । ଚଳିତ ବର୍ଷ ଅଗଷ୍ଟରେ ଜାମ୍ମୁ କାଶ୍ମୀରେ ଲସ୍କର କମାଣ୍ଡର ଅବୁ ଦୁଜାନର ନିହତ ପରେ ଅବୁଇସମାଇଲକୁ ଲସ୍କର କମାଣ୍ଡର ବନାଯାଇଥିଲା । ଗତ ବର୍ଷ ଘାଟିରେ ହୋଇଥିବା ବ୍ୟାଙ୍କ ଲୁଟ ଘଟଣାରେ ସେ ସାମିଲ ଥିଲା ।

ଘାରିଲା ମରୁଡ଼ି ଚିନ୍ତା

- ପରିସ୍ଥିତିର ମୁକାବିଲା ପାଇଁ ସରକାର ପ୍ରସ୍ତୁତ: ମନ୍ତ୍ରୀ
- ଭୁଲ୍ ରିପୋର୍ଟ ଦେଇଛନ୍ତି ଜିଲ୍ଲାପାଳ : ବିରୋଧୀ

ଭୁବନେଶ୍ୱର, ୧୪।୯ (ସକାଳ ଖବର): - ରାଜ୍ୟର ପଶ୍ଚିମାଂଚଳ ଜିଲ୍ଲା ସମେତ ଆଉ କେତେକ ଅଂଚଳରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁଁ ଦେଖାଦେଇଥିବା ମରୁଡିକୁ ନେଇ ବିରୋଧୀ ଦଳ ପକ୍ଷରୁ ଉଦବେଗ ପ୍ରକାଶ କରାଯାଇଥିଲା । ଅନ୍ୟପକ୍ଷରେ କ୍ଷତିଗ୍ରସ୍ତ ଚାଷୀ ମାନଙ୍କ ସ୍ୱାର୍ଥ ପାଇଁ ଋଣ ଛାଡ କରିବା ଓ ବିକଳ୍ପ ଚାଷ ପାଇଁ ବିହନ , ସାର ଯୋଗାଇ ଦେବା , ତଳିଆ ଅଂଚଳରେ ପାଣି ନପହଂଚିଲେ ମଧ୍ୟ ଜଳ କର ଆଦାୟ ବନ୍ଦ କରିବା , ମରୁଡି ଘୋଷଣା କରିବା ପାଇଁ ବିରୋଧୀ ସଭ୍ୟମାନେ ଦାବି କରିଥିଲେ। ଅପରପକ୍ଷରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁଁ ମରୁଡିର ସମ୍ଭାବନା ଦେଖା ଦେଇଥିବା କଥାକୁ ମନ୍ତ୍ରୀ ଓ ଶାସକ ଦଳର ସଦସ୍ୟମାନେ ସ୍ୱୀକାର କରିବା ସହ ଜାତୀୟ ଦଳର ବିରୋଧ ପାଇଁ ବଡ ବଡ ପ୍ରକଳ୍ପ ହେଇ ପାରୁନଥିବା କହିଥିଲେ । ଆଲୋଚନାର ଉତର ଦେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ମହେଶ୍ୱର ମହାନ୍ତି କହିଥିଲେ ଯେ ଜିଲ୍ଲାପାଳ ମାନଙ୍କ ଠାରୁ ମିଳିଥିବା ତଥ୍ୟ ଅନୁସାରେ ସ୍ୱଳ୍ପ ବୃଷ୍ଟି ଯୋଗୁଁ କେତେକ ଅଂଚଳରେ ରୁଆ , ବେଉଷଣ ଆଦି ବିଳମ୍ବ ହୋଇଛି। ଏବେସୁଦ୍ଧା ରାଜ୍ୟର କୌଣସି ସ୍ଥାନରେ ମରୁଡି ଜନିତ ପରିସ୍ଥିତି ଉପୁଜି ନାହିଁ। ତେବେ ରାଜ୍ୟରେ ମରୁଡି ପରିସ୍ଥିତିର ମୁକାବିଲା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି । ତେବେ ସେ ବିଧାନସଭା ଅଧିବେଶନ ଶେଷ ହେବା ପରେ ମରୁଡିର ସମ୍ମୁଖୀନ ହୋଇଥିବା ବଲାଙ୍ଗୀର,ସୋନପୁର,ବୌଦ୍ଧ, ନୂଆପଡା , ଝାରସୁଗୁଡା, ବରଗଡ ଜିଲ୍ଲା ଗସ୍ତରେ ଯାଇ ଅନୁଧ୍ୟାନ କରିବେ । ଏହାପରେ କ୍ଷତିଗ୍ରସ୍ତ ଚାଷୀ ମାନଙ୍କୁ କ୍ଷତିପୂରଣ ଦେବାର ବ୍ୟବସ୍ଥା କରିବେ ବୋଲି ବିଭାଗୀୟ ମନ୍ତ୍ରୀ ଶ୍ରୀ ମହାନ୍ତି ଗୃହକୁ ଜଣାଇଛନ୍ତି । ଏହି ପ୍ରସଙ୍ଗରେ ମୁଲତବୀ ପ୍ରସ୍ତାବ ଆଣିଥିବା ବିରୋଧୀ ଦଳ ବିଧାୟକ ନବ ଦାସ , କନକ ବର୍ଦ୍ଧନ ସିଂହଦେଓ , ପ୍ରଦୀପ ପୁରୋହିତ , ଚନ୍ଦ୍ର ଶେଖର ମାଝୀ , ତାରା ପ୍ରସାଦ ବାହିନୀପତି ପ୍ରମୁଖ ଅଭିଯୋଗ କରିଥିଲେ ଯେ ଚାଷୀ ମାନଙ୍କ ପାଇଁ ସରକାର କାନ୍ଦୁଥିବା ବେଳେ ତାଙ୍କ ଆଖିରେ ଲୁହ ନାହିଁ । ସ୍ୱଳ୍ପ ବୃଷ୍ଟିପାତ ଜନିତ ମରୁଡି ସଂକ୍ରାନ୍ତରେ ଜିଲ୍ଲାପାଳ ମାନେ ଦେଇଥିବା ରିପୋର୍ଟ ଭୁଲ୍ । ରାଜସ୍ୱ , ପରିସଂଖ୍ୟାନ ଓ କୃଷି ବିଭାଗ ଦ୍ୱାରା ପ୍ରସ୍ତୁତ ରିପୋର୍ଟ ମଧ୍ୟ ତାଳମେଳ ରହୁନାହିଁ । ଚାଷୀଙ୍କ ସ୍ୱାର୍ଥ ପାଇଁ ଋଣ ଛାଡ୍ କରାଯିବା ସହ ପେନସନ୍ ,ବୀମା, ବୋନସ୍ ଓ ଭତା ଦେବାର ବ୍ୟବସ୍ଥା କରାଯାଉ ବୋଲି ଦାବି କରିଥିଲେ । ମରୁଡିର **(ପୃଷ୍ଠା-୭)**

ପ୍ରଧାନମନ୍ତ୍ରୀଙ୍କୁ ଭେଟିବା ପାଇଁ ପୁଣି ସମୟ ମାଗିବ ଗୃହ କମିଟି

ଭୁବନେଶ୍ୱର, ୧୪।୯ (ସକାଳ ଖବର): ଧାନର ସର୍ବନିମ୍ନ ସହାୟକ ଦର ବୃଦ୍ଧି ନେଇ ପ୍ରଧାନମନ୍ତ୍ରୀଙ୍କ ସହିତ ଆଲୋଚନା କରିବାକୁ ସମୟ ମଗାଯିବ । ଏଥିପାଇଁ ଚିଠି ଲେଖିବା ଲାଗି ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ଗଠିତ ଗୃହ କମିଟି ବୈଠକରେ ନିଷ୍ପତି ହୋଇଛି । ଆଜି ସନ୍ଧ୍ୟାରେ ବାଚସ୍ପତିଙ୍କ ପ୍ରକୋଷ୍ଠରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଥିବା ସମୁଦାୟ ୧୮ ଜଣ ସଭ୍ୟଙ୍କ ମଧ୍ୟରୁ ୧୨ ଜଣ ଉପସ୍ଥିତ ଥିଲେ । ବୈଠକ ପରେ ବିରୋଧି ଦଳର ନେତା ନରସିଂହ ମିଶ୍ର ସାମ୍ବାଦିକ ମାନଙ୍କୁ କହିଛନ୍ତି ଯେ, ଏହି ସର୍ବନିମ୍ନ ସହାୟକ ଦର ନେଇ ବିଧାନସଭାରେ ଗୃହୀତ ପ୍ରସ୍ତାବ ଉପରେ ପ୍ରଧାନମନ୍ତ୍ରୀଙ୍କ ସହିତ ଆଲୋଚନା କରାଯିବା ଗୃହରେ ଧାନ କ୍ୱିଂଟାଲ ପିଛା ସର୍ବନିମ୍ନ ସହାୟକ ଦର ୨୯୩୦ **(ପୃଷ୍ଠା-୭)**

୩ଟି ସ୍ଥାନରେ ପ୍ରକଳ୍ପ ପ୍ରତିଷ୍ଠା କରିବ ଇପିକଲ

ଭୁବନେଶ୍ୱର, ୧୪।୯ (ସକାଳ ଖବର): ରାଜ୍ୟରେ ତିନୋଟି ସ୍ଥାନରେ ସମୁଦାୟ ୮୬୪ କୋଟି ଟଙ୍କା ବ୍ୟୟ ଅଟକଳରେ ୩ଟି ପ୍ରକଳ୍ପ ପ୍ରତିଷ୍ଠା କରିବା ପାଇଁ ଇପିକଲ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ ସିଙ୍ଗଲ ଓ୍ୱିଣ୍ଡୋରେ ମଂଜୁରୀ ଦିଆଯାଇଛି । ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କର ଅଧ୍ୟକ୍ଷତାରେ ସଚିବାଳୟଠାରେ ସିଙ୍ଗଲ ଓ୍ୱିଣ୍ଡୋ କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକ ପରେ ଇପିକଲର ଜେନେରାଲ **(ପୃଷ୍ଠା-୭)**

ସତ୍‌ସଙ୍ଗରେ ଭଲ ଲୋକଙ୍କ ସହ ମିଶାଯାଏ । ଦୁଃସଙ୍ଗରେ ଖଳଲୋକଙ୍କ ସହ ମିଶାଯାଏ ଯାହାଠୁ ଦୂରେଇବା ଭଲ ।

ହୁଣ୍ଡିର ଆୟ (୧୪.୯.୧୭)
୧,୮୦,୯୨୬

ନର୍ଲା ସ୍ପିଲ ଓ୍ୱେ ଭୁଷୁଡିବା ଘଟଣାରେ ୨ ଗିରଫ

ଭବାନୀପାଟଣା, ୧୪।୯ (ସକାଳ ଖବର) :କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ୍ କୁଟିଙ୍ଗପଦରଠାରେ ଥିବା ରେତ ଜଳ ସେଚନ ପ୍ରକଳ୍ପର ସ୍ପିଲ ଓ୍ୱେ ଛାତ ଭୁଶୁଡିବା ଘଟଣାରେ ୨ଜଣଙ୍କୁ ଗିରଫ କରାଯାଇଛି। ପ୍ରକଳ୍ପର ସାଇଟ୍ ଇନଚାର୍ଜ ଦୁଃଶାସନ ନାୟକ ଓ ସାଇଟ ଇଞ୍ଜିନିୟର ଉପେନ୍ଦ୍ର ମହାପାତ୍ରଙ୍କୁ ଗିରଫ କରାଯାଇଛି। ଦୁର୍ଘଟଣା ସମ୍ପର୍କରେ ତଦନ୍ତ ନିମନ୍ତେ କଳାହାଣ୍ଡି ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ପିଡି ଡିଆରଡିଏଙ୍କ ନେତୃତ୍ୱରେ ୩ଜଣିଆ ଟେକ୍ନିକାଲ କମିଟିକୁ ଏହି ଦାୟିତ୍ୱ ଦିଆଯାଇଛି। କମିଟିରେ ନିର୍ମାଣ ମୁଖ୍ୟ ଯନ୍ତ୍ରୀ ଓ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ସାମିଲ କରାଯାଇଛି। ଦିନକ ଆଗରୁ କୁଟିଙ୍ଗାପଦରଠାରେ ଥିବା ନିର୍ମାଣାଧୀନ ଜଳସେଚନ ପ୍ରକଳ୍ପର ସ୍ପିଲ ଓ୍ୱେ ଛାତ ଭୁଶୁଡି ପଡିବାରୁ ପ୍ରାୟ ୧୦୦ ଫୁଟ ତଳେ କାମ କରୁଥିବା ଶ୍ରମିକଙ୍କ ଉପରେ ପଡିଥିଲା। ଘଟଣାସ୍ଥଳରେ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା। ଦୁର୍ଘଟଣାରେ **(ପୃଷ୍ଠା-୭)**

ରବୀନ୍ଦ୍ରମଣ୍ଡପରେ ମଞ୍ଚସ୍ଥ ଏକ ନାଟକର ଆବେଗମୟ ଦୃଶ୍ୟ

ରାଜ୍ୟରେ ପ୍ରତିଷ୍ଠା ହେବ ଓଡ଼ିଆ ବିଶ୍ୱ ବିଦ୍ୟାଳୟ

ଭୁବନେଶ୍ୱର, ୧୪।୯ (ସକାଳ ଖବର): ଓଡ଼ିଆ ଭାଷା ଓ ସାହିତ୍ୟର ଅଧ୍ୟୟନ ଓ ଗବେଷଣାକୁ ପ୍ରୋତ୍ସାହିତ କରିବା ନିମନ୍ତେ ରାଜ୍ୟରେ ଏକ ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା କରିବା ଉଦ୍ଦେଶ୍ୟରେ ରାଜ୍ୟ ଉଚ୍ଚ ଶିକ୍ଷାମନ୍ତ୍ରୀ ଅନନ୍ତ ଦାସ ଆଗତ କରିଥିବା ଓଡ଼ିଆ ଭାଷା ଓ ସାହିତ୍ୟ ବିଶ୍ୱ ବିଦ୍ୟାଳୟ ବିଧେୟକ-୨୦୧୭ ଗୃହୀତ ହୋଇଯାଇଛି ।

ଅନ୍ୟପକ୍ଷରେ ଏହି ବିଧେୟକର ବିଭିନ୍ନ ଦିଗ ଉପରେ ଅଧିକ ଆଲୋଚନା ତର୍ଜମା କରିବା ପାଇଁ ଯାଂଚ କମିଟି ନିକଟକୁ ପଠାଇବା ଲାଗି ବିରୋଧି ଦଳର ନେତା ନରସିଂହ ମିଶ୍ର, କଂଗ୍ରେସ ମୁଖ୍ୟ ସଚେତକ ତାରା ପ୍ରସାଦ ବାହିନୀ ପତି ଏବଂ ବିଜେପି ବିଧାୟକ ପ୍ରଦୀପ ପୁରୋହିତ ସଂଶୋଧନ ପ୍ରସ୍ତାବ ଆଗତ କରିଥିଲେ । ଉଲ୍ଲେଖଯୋଗ୍ୟ ଯେ, ବିଜେପିର ଅନ୍ୟତମ ସଦସ୍ୟ ଡା. ବିଭୂତି ଭୂଷଣ ହରିଚନ୍ଦନ ଏହି ବିଲ୍‌କୁ ସମର୍ଥନ କରିଥିଲେ । ଦଳମତ ନିର୍ବିଶେଷରେ ରାଜ୍ୟର ବୃହତ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ବିଲ୍ ଗୃହରେ ଅନୁମୋଦନ କରେଇ ନେବା ପାଇଁ ସମସ୍ତଙ୍କୁ ଅନୁରୋଧ କରିଥିଲେ ।

ଏହି ବିଲ୍ ଆଲୋଚନାରେ ବିରୋଧି ଦଳର ନେତାଙ୍କ ସମେତ ସଭ୍ୟ ପ୍ରଭାତ ରଂଜନ ବିଶ୍ୱାଳ, ବେଦ ପ୍ରକାଶ ଅଗ୍ରୱାଲ, ନବ କିଶୋର ଦାସ, ପ୍ରଦୀପ ପୁରୋହିତ, ଡ. ପ୍ରଫୁଲ୍ଲ ମାଝୀ, ସନାତନ ମହାକୁଡ଼, ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ରବି ନାରାୟଣ ମହାପାତ୍ର, ରବି ନାୟକ, ରାଧାରାଣୀ ପଣ୍ଡା, ଶାସକ ଦଳର ମୁଖ୍ୟ ସଚେତକ ଅମର ପ୍ରସାଦ ଶତପଥି ଅଂଶ ଗ୍ରହଣ କରିଥିଲେ । ଶାସକ ଦଳର ସଭ୍ୟମାନେ ଏହି ବିଲ୍‌କୁ ପୁରା ମାତ୍ରାରେ ସମର୍ଥନ ଦେଇଥିଲେ । ତେବେ ବିଜେପି ସଭ୍ୟ ଶ୍ରୀ ନାୟକ ନୂତନ ଓଡ଼ିଆ ଅଭିଧାନ ପ୍ରସ୍ତୁତି କଲାବେଳେ ସମ୍ବଲପୁରୀ ଓ କୋଶଳୀ ଭାଷାର ଶବ୍ଦ କୁ ଅନ୍ତର୍ଭୁକ୍ତ କରିବା ପାଇଁ ପରାମର୍ଶ ଦେଇଥିଲେ । ଯାହା ଫଳରେ ଓଡ଼ିଆ ଭାଷା **(ପୃଷ୍ଠା-୭)**

ଓପୋଲ୍‌ଫେଡ୍
ତାରିଖ : ୧୫. ୦୯. ୨୦୧୭
ଆଜିର ଦର
- ବ୍ରଏଲର୍ କୁକୁଡା ମାଂସ : ଟ୧୪୦/-(କେଜିପ୍ରତି)
- ବ୍ରଏଲର୍ କୁକୁଡା ମାଂସ :ଟ୧୫୦/-(କେଜିପ୍ରତି) (ବିନା କଲିଜା କରାଟ)
- ବନରାଜା କୁକୁଡା ମାଂସ:ଟ୨୭୦/-(କେଜିପ୍ରତି)
- ଜୀବନ୍ତ ଦେଶୀ କୁକୁଡା :ଟ ୩୨୦/-(କେଜିପ୍ରତି)
- ଅଣ୍ଡା ପ୍ୟାକେଟ୍ : ଟ ୬୨/-(ଏକଡଜନ)
- ଅଣ୍ଡା ପ୍ୟାକେଟ୍ : ଟ ୩୧/-(ଅଧାଡଜନ)
ଯୋଗାଯୋଗ : ୮୭୬୩୯୮୯୮୪୪/ ୯୮୬୧୩୬୦୪୮୦/ ୯୭୭୬୯୪୨୮୫୦

[illegible]

[illegible]

Printed, Published & Owned by Amit Kumar Mallick Printed at Press Webline,D-2/19 Sector, Sector-A,Zone-D, Mancheswar Industrial Estate,BBSR-751010, City Office: A/69, Unit - 3, Industrial Area, Kharvel Nagar, Bhubaneswar - 1, Ph./Fax. : (0674) 2380706, (O), E-mail address : thesakala@hotmail.com, thesakal0@gmail.com
Editor - Amit Kumar Mallick